### ରାସ୍ତାକଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

# ଶଶୁରଙ୍କୁ ହତ୍ୟା କରି ଜ୍ୱାଇଁ ଫେରାର୍

ଅସ୍ତରଙ୍ଗ,୩୦।୫(ସମିସ)

ଅସ୍ତରଙ୍ଗ ବ୍ଲକ୍ ସରିପୁର ପଞ୍ଚାୟତ ସିଦ୍ଧିପୁର ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ମୁଦୁଗଲ ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଭ୍ରମର ନାୟକଙ୍କ ଉଲଗ୍ନ ମୃତଦେହ ତାଙ୍କ ନବନିର୍ମିତ ଘର ନିକଟରୁ ଉଦ୍ଧାର କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହ ଏକ ହତ୍ୟା ବୋଲି ସ୍ପଷ୍ଟ ହୋଇଯାଇଛି। ତେବେ ମୃତଦେହ ଉଦ୍ଧାର ପରଠାରୁ ତାଙ୍କ ପାଖରେ ରହୁଥିବା ତୃତୀୟ ଝିଅର ଅଣଓଡ଼ିଆ(ଦିଲ୍ଲୀ) ସ୍ୱାମୀ ସୁଫି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବାକୁ ନେଇ ତାଙ୍କ ଉପରେ ସନ୍ଦେହ ବଢ଼ିବାରେ ଲାଗିଛି। ମୃତ ଭ୍ରମରଙ୍କ ସାନ ଝିଅ ରୀନା ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଫୋରେନ୍‌ସିକ୍ ଟିମ୍ ସହ ଘଟଣାର ଛାନ୍‌ଭିନ୍ ଚଳାଇଛି।

ପ୍ରକାଶ ଯେ, ମୁଦୁଗଲ ଗ୍ରାମର ବୃଦ୍ଧ ଭ୍ରମର ନାୟକଙ୍କ ତୃତୀୟ ଝିଅ ଦିଲ୍ଲୀରେ ପୂର୍ବରୁ





କାମ କରୁଥିବାବେଳେ ସେଠାରେ ସୁଫି ନାମକ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ସମ୍ପୃକ୍ତ ଯୁବକ ଜଣକ ଭ୍ରମରଙ୍କ ଝିଅ ବା ସ୍ତ୍ରୀଙ୍କୁ ବାରମ୍ବାର ଅତ୍ୟାଚାର କରିବାରୁ ସେ ଆସି ବାପାଙ୍କ ନିକଟରେ ଆଶ୍ରୟ ନେଇଥିଲେ। ମାତ୍ର କିଛି ମାସ ହେବ ଭ୍ରମରଙ୍କ ଦିଲ୍ଲୀ ଜ୍ୱାଇଁ ସୁଫି ଏଠାରେ ଆସି ମଧ୍ୟ ସ୍ତ୍ରୀ ଓ ଛୋଟ ପୁଅ ସହ ଭ୍ରମରଙ୍କ ଘରେ ରହୁଥିଲେ। ସୁଫି ଜଣେ ମୁସ୍‌ଲିମ୍ ସମ୍ପ୍ରଦାୟର ବୋଲି ଚର୍ଚ୍ଚା ହେଉଛି। ସେ ଏଠାରେ ଦିନମଜୁରିଆ କାମ କରୁଥିବା ଜଣାପଡ଼ିଛି। ସୂଚନା ଥାଉକି, ଶୁକ୍ରବାର ଜ୍ୱାଇଁ ସୁଫି ଓ ଶଶୁର ଭ୍ରମର ନୂଆ ଘର ପାଖରେ ଥିଲେ। କିନ୍ତୁ ଶନିବାର ସକାଳୁ ଉଲଗ୍ନ ଅବସ୍ଥାରେ ଗଛ ବୁଦା ନିକଟରେ ଭ୍ରମରଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଭ୍ରମରଙ୍କର କୌଣସି ପୁଅ ନାହାନ୍ତି। ତେଣୁ ସେ ନିଜ ବାସସ୍ଥାନରୁ ଉଠି ଆସି ସିଦ୍ଧିପୁର ଗ୍ରାମରେ ଏକ ଜାଗା କିଣି ସେଠାରେ ଗୃହ ନିର୍ମାଣ କରୁଥିଲେ। ଶୁକ୍ରବାର ଘର କାମ ପାଇଁ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଉଠାଇଥିବା ଶୁଣିବାକୁ ମିଳୁଛି। ତେବେ ରାତିରେ ଶଶୁର-ଜ୍ୱାଇଁଙ୍କ ମଧ୍ୟରେ କ'ଣ ଘଟଣା ଘଟିଲା, ଯାହାଫଳରେ ଘର ନିକଟରେ ଥିବା ଗୋଡ଼ି ଗଦା ପାଖରେ ଭ୍ରମରଙ୍କର ଲୁଙ୍ଗି, ଗୋଡ଼ି ଉପରେ ରକ୍ତର ଦାଗ ମଧ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ଭ୍ରମରଙ୍କ ଅନ୍ୟ ଝିଅମାନେ ଦିଲ୍ଲୀ ଜ୍ୱାଇଁ ସୁଫିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। କାରଣ ଘଟଣା ପରଠୁ ତାଙ୍କ ଜ୍ୱାଇଁ ଫେରାର୍ ଅଛି। ବ୍ୟାଙ୍କରୁ ଉଠାଯାଇଥିବା ଟଙ୍କା କିମ୍ବା ଅନ୍ୟ କେଉଁ କାରଣ ପାଇଁ ସେ ଏଭଳି ଜଘନ୍ୟ ଘଟଣା ଘଟାଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅନ୍ୟପଟେ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରୁଥିବାବେଳେ ମୃତକଙ୍କ ସାନ ଝିଅ ରୀନା ସ୍ୱାଇଁଙ୍କ ଏତଲାକୁ ଆଧାର କରି ଅସ୍ତରଙ୍ଗ ଥାନା ପୁଲିସ ତରଫରୁ ୧୪୭/୨୬ରେ ଏକ ମାମଲା ରୁଜୁ ହୋଇଛି ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

**ଘଟଣାସ୍ଥଳରେ ପୁଲିସ ଓ ଫୋରେନ୍‌ସିକ୍ ଟିମ୍‌ର ଛାନ୍‌ଭିନ୍**

● ଡେଲାଙ୍ଗରେ ଆରମ୍ଭ ହେଲା ଏସ୍‌ଆଇଆର୍ ପ୍ରକ୍ରିୟା

## ବାଦ୍ ପଡ଼ିବେନି ଯୋଗ୍ୟ ଭୋଟର

ଡେଲାଙ୍ଗ,୩୦।୫(ସମିସ): ଭାରତୀୟ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଶନିବାର ଡେଲାଙ୍ଗ ବ୍ଲକ୍‌ରେ ମଧ୍ୟ ଏହାର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରକ୍ରିୟା ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଡେଲାଙ୍ଗ ବ୍ଲକ୍‌ର ମୋଟ ୧୧୯ଟି ବୁଥ୍ ନିମନ୍ତେ ୧୧୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହିତ ୧୦ଜଣ ସୁପରଭାଇଜର ଘରକୁ ଘର ବୁଲି ଭୋଟରମାନଙ୍କୁ ପରିଗଣନା ଫର୍ମ ପ୍ରଦାନ କରୁଛନ୍ତି। ଲୋକମାନେ ପୂର୍ବ ଭୋଟର ତାଲିକାରେ ନିଜର ନାମ ଏବଂ ସମ୍ପର୍କୀୟଙ୍କ ନାମ ଅନ୍‌ଲାଇନ୍ ଜରିଆରେ ସଂଗ୍ରହ କରି ପରିଗଣନା ଫର୍ମରେ ଆବଶ୍ୟକୀୟ ତଥ୍ୟ ଦେଇପାରିବେ। ଏହି କାର୍ଯ୍ୟରେ ସାହାଯ୍ୟ ପାଇଁ ସେମାନଙ୍କ ତଥ୍ୟ ସମ୍ପର୍କରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କଠାରୁ ମଧ୍ୟ ବୁଝିପାରିବେ। ଯେଉଁ ଭୋଟରମାନଙ୍କର ପରିଗଣନା ଫର୍ମରେ ପ୍ରଦାନ କରାଯାଇଥିବା ତଥ୍ୟ ପୂର୍ବ ଏସ୍‌ଆଇଆର୍ ଭୋଟର ତାଲିକାର ବିବରଣୀ ସହ ମେଳ ଖାଉ ନ ଥିବ କିମ୍ବା ଉପଲବ୍ଧ ନ ଥିବ, ସେମାନଙ୍କୁ ବ୍ଲକ୍ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନୋଟିସ୍ ଜାରି କରିବେ ବୋଲି ନିୟମ ରହିଛି। ବୁଥ୍‌ସ୍ତରୀୟ



ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରି ସଠିକ୍ ଦସ୍ତାବିଜ୍ ପ୍ରଦାନ କଲେ ସେମାନଙ୍କ ନାମ ସଂଶୋଧନ ହୋଇପାରିବ ବୋଲି ଜଣାପଡ଼ିଛି। ଏହି ଏସ୍‌ଆଇଆର୍ ପ୍ରକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିବେ ନାହିଁ ଏବଂ କୌଣସି ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିବ ନାହିଁ ବୋଲି ବୁଥ୍‌ସ୍ତରୀୟ ଅଧିକାରୀ ଅଭୟ ଚରଣ ସାହୁ ମତପ୍ରକାଶ କରିଛନ୍ତି।

### ସତ୍ୟବାଦୀରେ ଏସ୍‌ଆଇଆର୍-୨୦୨୬ ଆରମ୍ଭ

## ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ମାନି କାମ କରିବାକୁ ପରାମର୍ଶ

ସାକ୍ଷୀଗୋପାଳ,୩୦।୫(ସମିସ): ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାନୁଯାୟୀ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ୍ ତଥା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୧୧୨ ବୁଥ୍‌ରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇଛି। ଏହି ସମୟ ଅର୍ଥାତ୍ ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘରକୁ ଘର ଯାଇ ଲୋକମାନଙ୍କ ପାଇଁ ଦୁଇଟି ଗଣନା ଫର୍ମ ପ୍ରଦାନ କରିବେ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲ୍‌ଓମାନେ ସଂଗ୍ରହ କରିବେ ଏବଂ ୨ୟ ନକଲରେ ଦସ୍ତଖତ କରି ଭୋଟରଙ୍କୁ ରସିଦ୍ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଏହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ। ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ଏହି ଫର୍ମ ଡାଉନ୍‌ଲୋଡ୍ କରି ଫର୍ମ ପୂରଣ ପରେ ସେହି ପୋର୍ଟାଲ୍ ଜରିଆରେ ଅପ୍‌ଲୋଡ୍ କରିପାରିବେ। କୌଣସି ଭୋଟର ଯଦି ନିଜର ଦସ୍ତାବିଜ୍ ଦେଇପାରୁନାହାନ୍ତି, ତେବେ ସ୍ଥାନୀୟ ବାସିନ୍ଦାଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବ। ଯଦି ଏହା ସତ୍ତ୍ୱେ ତଥ୍ୟ ସଂଗ୍ରହ ହୋଇ ନ ପାରିଲା ତା'ହେଲେ



ଭୋଟର ତାଲିକାରୁ ବାଦ୍ ଦିଆଯିବ। ବିଏଲ୍‌ଓମାନେ ପରିଦର୍ଶନ ସମୟରେ ତଥ୍ୟ ଯାଞ୍ଚ ଓ ତ୍ରୁଟି ସଂଶୋଧନ କରିବେ।

ଏଥିରେ ଲୋକଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବେ। ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡ଼ନ୍ତି ଓ ଅଯୋଗ୍ୟ ଭୋଟର ଯେପରି ତାଲିକାରେ ଅନ୍ତର୍ଭୁକ୍ତ ହେବେନାହିଁ ସେଥିପ୍ରତି ବିଏଲ୍‌ଓମାନଙ୍କୁ ସଜାଗ ରହିବାକୁ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି। ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ଯାଏଁ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ ସେପ୍ଟେମ୍ବର ୨ ଯାଏଁ ପର୍ଯ୍ୟାୟ କ୍ରମେ ଦାବି ଓ ଆପତ୍ତିର ସମାଧାନ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଫର୍ମ ପୂରଣରେ କୌଣସି ସମସ୍ୟା ହେଲେ ବିଏଲ୍‌ଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା କରିବେ। ଏହାସହ ନୂଆ ଭୋଟର ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲ୍‌ଓମାନେ ସେହି ସମୟରେ ଫର୍ମ-୬ ସହିତ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ ବୋଲି ତହସିଲ୍‌ଦାର ତଥା ନିର୍ବାଚନ ଅଧିକାରୀ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିସନଙ୍କ ସମସ୍ତ ନିର୍ଦ୍ଦେଶ ମାନି ବିଏଲ୍‌ଓମାନେ ଉକ୍ତ କାର୍ଯ୍ୟ କରିବା ସହ ଭୋଟର ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରାଯାଇଛି।

## ଧୀରେ ଧୀରେ ବଢୁଛି ଗଞ୍ଜେଇ ଚାଷ

କଣାସ,୩୦।୫(ସମିସ): ପୁରୀ ଜିଲ୍ଲାର କଣାସ ବ୍ଲକ୍ ଚିଲିକା ଉପକୂଳରେ ହୋଇଥିବାବେଳେ ଖାଲୁଆ ଅଞ୍ଚଳ ହୋଇଥିବାରୁ ଏଠାରେ ବନ୍ୟା ସମୟରେ ଶାରଦଧାନ ଫସଲ ନଷ୍ଟ ହୋଇଯାଏ। ନଷ୍ଟ ହୋଇଯିବାରୁ ଅନେକ ବ୍ୟକ୍ତି ଧାନବିଲଗୁଡ଼ିକରେ ଗଞ୍ଜେଇ ଗଛ ଲଗାଉଥିବା ଲୋକଲୋଚନକୁ ଆସିଛି। ଗତବର୍ଷ ନାନକେରା ମୌଜାରେ ଏବଂ ଗୋପିନାଥପୁର ଗ୍ରାମରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ୍ ଯାଇ ଗଛଗୁଡ଼ିକୁ କାଟି ପୋଡ଼ିଦେଇଥିଲେ। ଶନିବାର ମଧ୍ୟ ବଡ଼ପୁଟ ଗ୍ରାମରେ ନିଜସ୍ୱ ଜାଗାରେ ବଗିଚା ଚାରିପାଖରେ କେହି ବ୍ୟକ୍ତି ଗଞ୍ଜେଇ ଗଛ ଲଗାଇଥିବା ଜଣାପଡ଼ିଛି ଏବଂ ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ବନ୍ୟାଜଳରେ ବୁଡ଼ିଯାଇ ଧାନଫସଲ ନଷ୍ଟ ହୋଇଯାଉଥିବାରୁ ସେହି ଜମିରେ ବଡ଼ ବେଣାବୁଦାମାନ ଉଠିଥିବାରୁ କେତେକ ବ୍ୟକ୍ତି ନିଜନିଜ ଜମିରେ ଗଞ୍ଜେଇ ଗଛ ଲଗାଉଥିବା ଜଣାପଡ଼ିଛି। ଅବକାରୀ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଗଞ୍ଜେଇ ଚାଷ ଅଧିକ ମାତ୍ରାରେ ଲୋକମାନେ କରିବସିବେ।

● ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

## ସ୍ୱାର୍ଥ ପାଇଁ ପରିବେଶକୁ ବିପର୍ଯ୍ୟସ୍ତ କରୁଛି ମଣିଷ



ପୁରୀ,୩୦।୫(ସମିସ): ସ୍ଥାନୀୟ ସଂସ୍କୃତି ଭବନଠାରେ ପୁରୀ ସୁରକ୍ଷା ପରିଷଦ ଓ ଲତା ଚାରିଟେବୁଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ-୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ନ୍ୟାୟାଧୀସ ମାନସ ରଞ୍ଜନ ମିଶ୍ର ଯୋଗଦେଇ କହିଲେ, ସାମ୍ପ୍ରତିକ ସମୟରେ ବିଶ୍ୱର ପରିବେଶ ବିପର୍ଯ୍ୟସ୍ତ ହେବାକୁ ଯାଉଛି। ମଣିଷ ନିଜର ସ୍ୱାର୍ଥ ସାଧନ ନିମନ୍ତେ ପରିବେଶ ଜଗତକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି, ଯାହା ବିଶ୍ୱକୁ ବିପଦ ମୁହଁକୁ ଟାଣି ନେଉଛି। ପ୍ରତିବର୍ଷ ଭାରତରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ପଶୁପକ୍ଷୀ ସଂକ୍ରମିତ ହେଉଛନ୍ତି। ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସମ୍ମାନିତ ଅତିଥି ଉପନିବନ୍ଧକ ତପନ କୁମାର ତରାଇ କହିଲେ, ଆଗାମୀ ଯୁବପିଢ଼ି ବିଶ୍ୱର ପରିବେଶ ପ୍ରତି ସଚେତନ ରହିବା ଆବଶ୍ୟକ ରହିଛି। ଜନସଂଖ୍ୟା ବୃଦ୍ଧି ପାଇଁ ବ୍ୟାପକ ଜଙ୍ଗଲ ଧ୍ୱଂସ ବା ନଷ୍ଟ କରିବା ଏକ ପ୍ରମୁଖ କାରଣ ହୋଇଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଚିଲିକାର ଅବକ୍ଷୟମୁଖି ପରିବେଶ ଚିନ୍ତାଜନକ। ଏଥିପ୍ରତି ଆମେ ସମସ୍ତେ ମିଳିମିଶି ବୃକ୍ଷରୋପଣ କରି ପରିବେଶ ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ।

ଅନ୍ୟ ଅତିଥିଙ୍କ ମଧ୍ୟରେ ଡ. ଅଭିମନ୍ୟୁ ଭୂୟାଁ, ସହକାରୀ ବନ ସଂରକ୍ଷକ ଅଶୋକ ବେହେରା, ସଂସ୍ଥାର ଉପଦେଷ୍ଟା ପ୍ରତିଭା ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ରଚିତା ରାଉତରା, ଲତା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଲତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଆୟୋଜନ ସମିତି ଅଧ୍ୟକ୍ଷ ବିନୟ ନୃସିଂହ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ କ୍ରିଷ୍ଣା ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରିଷଦ ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଡ. କାର୍ତ୍ତିକ କୁମାର ଦାସ, ସନ୍ତୋଷ ମହାନ୍ତି, ଜ୍ୟୋତିପ୍ରଭା ପ୍ରୀତମ, ଇଂ. କେଶବ ଚନ୍ଦ୍ର ପାତ୍ର, ବିପିନ ଦଳାଇ, ପୀତବାସ ରଥ, ପ୍ରଦୀପ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଉପନିବନ୍ଧକ ତପନ କୁମାର ତରାଇ, ସୁଜାତା ଶତପଥୀ, ମାନସୀ ରଥ, ସର୍ବାଣୀ ଦାସ, ସନ୍ଦୀପ କର୍ମକାର, ତପନ ସେଠୀ, ହାପିନେସ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଦୀପ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଦେଇଥିଲେ ସଂଗଠକ ଜୁପିଟର ଦାସ।

## ୧୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ବ୍ରହ୍ମଗିରି,୩୦।୫(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ପୁଲିସ ବ୍ରାଉନ୍‌ସୁଗର କାରବାର ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗତ ୨୯ ତାରିଖ ଅପରାହ୍ଣ ପ୍ରାୟ ୩ଟା ୫୪ ମିନିଟ୍ ସମୟରେ ବାଲିହରିଚଣ୍ଡି ପାର୍କିଂ ଅଞ୍ଚଳରେ ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ସମ୍ପର୍କରେ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଏସ୍‌ଆଇ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଗଠିତ ପୁଲିସ ଟିମ୍ ଚନ୍ଦିପୁଟ ଗ୍ରାମର ସୁବଳ ସାହୁ (୫୯)ଙ୍କୁ କାବୁ କରିଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ତଲାସୀ ସମୟରେ ତାଙ୍କ ପ୍ୟାଣ୍ଟ ପକେଟରୁ ୧୦.୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଥିଲା। ଏନେଇ ବ୍ରହ୍ମଗିରି ଥାନାରେ କେସ୍ ନମ୍ବର ୨୫୯/୨୯.୫.୨୦୨୬ରେ ଏନ୍‌ଡିପିଏସ୍ ଆକ୍ଟର ଧାରା ୨୧(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି। ବ୍ରହ୍ମଗିରି ଥାନାର ଏସ୍‌ଆଇ ଚନ୍ଦ୍ରଶେଖର ନାୟକ ଏହି ମାମଲାର ତଦନ୍ତ କରୁଛନ୍ତି।

## ଚୋରି ବାଇକ୍ ଜବତ; ଚୋର ଗିରଫ

ନିମାପଡ଼ା,୩୦।୫(ସମିସ): ନିମାପଡ଼ା ପୁଲିସ ଜଣେ ବାଇକ୍ ଚୋରକୁ ପାଟପୁର ଗ୍ରାମରୁ ଗିରଫ କରିଥିବାବେଳେ ଚୋରି ବାଇକ୍‌କୁ ଜବତ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୯ ତାରିଖରେ ନୂଆ ବସ୍‌ଷ୍ଟାଣ୍ଡ ନିକଟରୁ ଓଡି ୩୩ ଏୟୁ ୭୯୧୪ ନମ୍ବର ବିଶିଷ୍ଟ ପଲ୍‌ସର ୨୦୦ ବାଇକ୍ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ କେସ୍ ନଂ ୧୭୩/୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ବାଇକ୍ ଚୋର ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ଅତାଖିଆ ଗ୍ରାମର ସୌରଭ ଦାସ ଓରଫ ଲକିକୁ ପୁଲିସ ଠାବ କରିବା ପରେ ତା'ର ଗତିବିଧିକୁ ଟ୍ରାକିଂ କରିଥିଲା। ପିପିଲିଠାରୁ ନିମାପଡ଼ା ପର୍ଯ୍ୟନ୍ତ ପୁଲିସକୁ ଚକ୍‌ମା ଦେଖାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ପାଟପୁର ଗ୍ରାମରୁ ଅଭିଯୁକ୍ତକୁ ଗିରଫ କରି ଚୋରି ହୋଇଥିବା ବାଇକ୍‌କୁ ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର କରିଛି। ଅଭିଯୁକ୍ତ ବାଇକ ଚୋରକୁ କୋର୍ଟ ଚାଲଣ କରିଛି। ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୁଣା ୱାରେଣ୍ଟି, ନିଶାଦ୍ରବ୍ୟ କାରବାର କରୁଥିବା ବ୍ୟବସାୟୀ, ଚୋର, ଗୁଣ୍ଡା, ବଦ୍‌ମାସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିମାପଡ଼ା ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ଆକ୍ସନ ମୋଡ୍‌ରେ କାର୍ଯ୍ୟ କରୁଥିବାବେଳେ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରିବା ଫଳରେ ଥାନା ଅଞ୍ଚଳରୁ ଚୋରି, ରାହାଜାନି ଆଦି କମୁଥିବା ଜଣାପଡ଼ିଛି।

## ମରାମତି ଅଭାବରୁ ଡିରୁଣା-ବଉଳାଙ୍ଗ ରାସ୍ତା ଶୋଚନୀୟ

ନୟାହାଟ,୩୦।୫(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଡିରୁଣା-ବଉଳାଙ୍ଗ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ କୋଣାର୍କ, କାଳିଆଗାଦିକି ପ୍ରତିଦିନ ଯାନବାହନ ଚଳାଚଳ କରୁଥିବାବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ହୋଇ ମେଣ୍ଟାଲ ବାହାରି ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ମରାମତି ପାଇଁ ମାପଚୁପ ସରିଥିଲେ ମଧ୍ୟ ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରୁଥିବାବେଳେ ସମ୍ପୃକ୍ତ ବିଭାଗ ପକ୍ଷରୁ ଅଦ୍ୟାବଧି ରାସ୍ତା ମରାମତି ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।



କଣାସ ଅଞ୍ଚଳରେ ଗାଁକୁ ଗାଁ ବ୍ୟାପିଲା ଝାଡ଼ାବାନ୍ତି

## ପୁଣି ୯ ଜଣ ଡାକ୍ତରଖାନାରେ ଭର୍ତ୍ତି

କଣାସ,୩୦।୫(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା



ପାନୀୟଜଳ ସମସ୍ୟାକୁ ନେଇ ଝାଡ଼ାବାନ୍ତି ଲାଗିରହୁଥିବା ବେଳେ ଗ୍ରୀଷ୍ମ ସମୟରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରେ। ୧୫ ଦିନ ହେଲା କଣାସ ଅଞ୍ଚଳର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇ ଗୋଲରା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଶନିବାର କାତପଡ଼ା ଗ୍ରାମର ଜୟନ୍ତୀ ସେଠୀ(୫୫), ସିରେଇ ଗ୍ରାମର ବାସନ୍ତି ପରିଡ଼ା(୬୫), ବଡ଼ଓରା ଗ୍ରାମର ଇଚ୍ଛା ପ୍ରଧାନ (୭୮), ଧାନକେରା ଗ୍ରାମର ପରିକ୍ଷିତ ପ୍ରଧାନ (୬୫), ଖଣ୍ଡହତା ଗ୍ରାମର ଟିକା ସାହୁ (୨୭), ଗଡ଼ମାଟିଆପଡ଼ା ଗ୍ରାମର ଅମିତ ମଙ୍ଗରାଜ (୪୨), ମୂଳବସନ୍ତ ଗ୍ରାମର ଲକ୍ଷ୍ମୀପ୍ରିୟା ପ୍ରଧାନ (୨୨), ରାଣୀପଡ଼ା ଗ୍ରାମର ଧରଣୀଧର ସୁନ୍ଦରାୟ (୪୯), ନୂଆଗାଁ ଗ୍ରାମର ତ୍ରିନାଥ ରାଉତରାୟ(୫୯) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଶନିବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବାକୁ ନେଇ ଚିନ୍ତାରେ ଅଛନ୍ତି ରୋଗୀ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ଜଣ ଡାକ୍ତର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ମାତ୍ର ୪ଜଣ ଡାକ୍ତର ଡାକ୍ତରଖାନା ଚଳାଉଛନ୍ତି। ୪ଜଣ ଡାକ୍ତର ପାଳିକରି ଆସୁଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶଥାଉ କି, ଗତ ବର୍ଷ ଦୟାନଦୀର ଦୂଷିତ ଜଳ ପାନକରି ଦୁଇମାସ ଧରି ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଲାଗି ରହି ୭ଜଣ ପ୍ରାଣ ହରାଇଥିଲେ। ଯାହା କି ଜିଲ୍ଲା ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ସମସ୍ତ ଗ୍ରାମକୁ ଝାଡ଼ାବାନ୍ତି ବ୍ୟାପିଯିବାର ସମ୍ଭାବନା ରହିଛି। ଯାହା କି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପାଇଁ ସମସ୍ୟା ସୃଷ୍ଟି କରିବ।

## ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍‌ର ଦରବୃଦ୍ଧି; ଏସ୍‌ୟୁସିଆଇର ବିକ୍ଷୋଭ

ଡେଲାଙ୍ଗ,୩୦।୫(ସମିସ): ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର କ୍ରମାଗତ ଦରବୃଦ୍ଧି ପ୍ରତିବାଦରେ ଶନିବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଡେଲାଙ୍ଗ ଷ୍ଟେସନ ବଜାରଠାରେ ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୧୪ ମସିହା ପୂର୍ବରୁ ପେଟ୍ରୋଲ ଲିଟର ୬୦ରୁ ୬୫ ଟଙ୍କା, ଡିଜେଲ ଲିଟର ୫୦ରୁ ୫୫ ଟଙ୍କା ଥିବାବେଳେ ୨୦୧୪ରୁ ଏହାର ଦାମ୍ କ୍ରମାଗତ ଭାବେ ବୃଦ୍ଧି ପାଇ ୧୨ ବର୍ଷ ମଧ୍ୟରେ ପେଟ୍ରୋଲ୍ ଏବେ ୧୦୯ ଟଙ୍କାରୁ ଉର୍ଦ୍ଧ୍ୱ ଓ ଡିଜେଲ ଲିଟର ୧୦୦ରୁ ଅଧିକ ଟଙ୍କାରେ ପହଞ୍ଚିଥିବା ବିକ୍ଷୋଭ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ସେହିପରି ରନ୍ଧନ ଗ୍ୟାସ୍ ୨୦୧୪ ପୂର୍ବରୁ ସିଲିଣ୍ଡର ୪୦୦ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧୦୦୦ ଟଙ୍କା ଛୁଇଁବାକୁ ବସିଲାଣି। ଗ୍ୟାସ୍ ସିଲିଣ୍ଡର ସର୍ବାଧିକ କଳାବଜାରୀ କରାଯାଇ ୧୮୦୦ରୁ ୨୫୦୦ ଟଙ୍କାରେ ବିକ୍ରି ହେଉଛି। ଘରୋଇ କମ୍ପାନୀଗୁଡ଼ିକ ହାତକୁ ପେଟ୍ରୋଲିୟମ୍ ବିଭାଗ ଚାଲିଯିବା ଫଳରେ ଏଭଳି ଲଗାମଛଡ଼ା ଦରଦାମ୍ ବୃଦ୍ଧି ପାଉଥିବା ବେଳେ ସରକାରଙ୍କର ଏ କ୍ଷେତ୍ରରେ ଆଦୌ ନିୟନ୍ତ୍ରଣ ନାହିଁ ବୋଲି ଉପସ୍ଥିତ କର୍ମୀମାନେ ଆରୋପ ଲଗାଇଛନ୍ତି। ଅନ୍ୟପଟେ ଏଭଳି ଭାବେ ଇନ୍ଧନର ଦରବୃଦ୍ଧି ଯୋଗୁଁ ବସ୍ ଭଡ଼ା, ଟ୍ରେନ୍ ଭଡ଼ା ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ୍ ମଧ୍ୟ ବୃଦ୍ଧି ପାଉଛି। ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ଲଗାତାର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଜିଲ୍ଲା କମିଟି ସଭ୍ୟ କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ, ଦୀନବନ୍ଧୁ ପରିଡ଼ା, ପଦ୍ମଚରଣ ଜେନା, ତ୍ରିନାଥ ପ୍ରଧାନ ପ୍ରମୁଖ ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟ ରଖିଛନ୍ତି।




### ଅଲାରନାଥଙ୍କ ଅନବସର ସମୟରେ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା

## ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ୍ ପରିଚାଳନା ସମ୍ପର୍କରେ ଏସ୍‌ପିଙ୍କ ସମୀକ୍ଷା

ବ୍ରହ୍ମଗିରି,୩୦।୫(ସମିସ)

ଆଗାମୀ ଦେବସ୍ନାନ ପୂର୍ଣ୍ଣିମା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନବସର ଦିନରେ ଅଲାରନାଥ ମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁବିଧା, ସୁରକ୍ଷା ଏବଂ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶନିବାର ପୁରୀ ଏସ୍‌ପି ପ୍ରତୀକ୍ ସିଂ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ପରିଦର୍ଶନ ଅବସରରେ ଏସ୍‌ପି ମନ୍ଦିର ପରିସର, ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥ, ଗାଡ଼ି ପାର୍କିଂ ସ୍ଥାନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗର ସମୀକ୍ଷା କରିଥିଲେ। ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେ



ଅନବସର ସମୟରେ ହେଉଥିବା ବ୍ୟାପକ ଭିଡ଼ ଓ ଭକ୍ତମାନଙ୍କ ଆଗମନ ସମ୍ପର୍କରେ ବିସ୍ତୃତ ତଥ୍ୟ ଗ୍ରହଣ କରିଥିଲେ। ଆଲୋଚନା ବେଳେ ଭକ୍ତମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ଦର୍ଶନ ପାଇଁ ସୁବ୍ୟବସ୍ଥିତ ଧାଡ଼ି ବ୍ୟବସ୍ଥା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା, ଜରୁରୀକାଳୀନ ସେବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି।

ଏହା ସହିତ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ଯାନବାହନ ଚଳାଚଳକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ପରିଚାଳନା, ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ, ଯାନବାହନ ପାଇଁ ବିକଳ୍ପ ରୁଟ୍ ବ୍ୟବସ୍ଥା ଏବଂ ପଥଚାରୀ ଭକ୍ତମାନଙ୍କ ସୁରକ୍ଷା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଅନବସର ସମୟରେ ଅଧିକ ସଂଖ୍ୟାରେ ଆସୁଥିବା ଭକ୍ତମାନଙ୍କୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଉପଯୁକ୍ତ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ମନ୍ଦିରରେ ଚାଲିଥିବା ନୀତିକାନ୍ତି ସମୟରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ଏବଂ ଭକ୍ତମାନେ ସୁଚାରୁ ଭାବେ ଦର୍ଶନ କରିପାରିବେ ସେଥିପାଇଁ ପୁଲିସ୍, ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଭିଡ଼ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରି ଆବଶ୍ୟକ ସ୍ୱେଚ୍ଛାସେବୀ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ସମୀକ୍ଷାରେ ସଦର ଡିଏସ୍‌ପି ମାନସ ରଞ୍ଜନ ବାରିକ, ବ୍ରହ୍ମଗିରି ତହସିଲ୍‌ଦାର, ବ୍ରହ୍ମଗିରି ବିଡିଓ, ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ଏବଂ ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କ ସହିତ ଆଲୋଚନା କରି ଆଗାମୀ ଅନବସର ଯାତ୍ରା ସମୟରେ ଭକ୍ତମାନଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସୁଗମ ଦର୍ଶନ ସୁବିଧା ପ୍ରଦାନ କରିବା ଦିଗରେ ସମସ୍ତ ପ୍ରକାର ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ଏସ୍‌ପି ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

